## ଟ୍ରକ୍ ଧକ୍କାରେ ଜଣେ ମୃତ

ଯୋଡ଼ା,(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କାଳିମାଟି ଛକ ନିକଟରେ ଟ୍ରକ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ଫେଲିକ୍ସ ସୋଏ। ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ରାଜ୍ୟର ଫେଲିକ୍ସ ହାଣ୍ଡିଭଙ୍ଗାରୁ ଭୋଜି ସାରି ଫେରୁଥିବା ସମୟରେ ତାଙ୍କ ବାଇକ୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବିଜେଡିରେ ମିଶିଲେ କଂଗ୍ରେସ ନେତା

ପାଟଣା,୩୦।୧(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ଡିଆନାଳୀ ଗ୍ରାମରେ ବିଜେଡି ତରଫରୁ ଶନିବାର ୨୩ ନମ୍ବର ଜିଲା ପରିଷଦ ଜୋନର ନେତାଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ପୁରୁଖା କଂଗ୍ରେସ ନେତା ତଥା ପୂର୍ବତନ ପାଟଣା ଜୋନ ସଭାପତି ଗୌତମ ମହାନ୍ତ ବିଜେଡିରେ ଯୋଗ ଦେଇଛନ୍ତି। ପାଟଣା ବିଧାୟକ ଜଗନ୍ନାଥ ନାଏକ, ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକ, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ଭଞ୍ଜ, ବିଜେଡି ନେତା ଦିଲୀପ କୁମାର ଦାଶ ଓ ଯୁବ ନେତା ଅବିନାଶ ଦାଶଙ୍କ ଉପସ୍ଥିତିରେ ସେ ବିଜେଡିରେ ଯୋଗ ଦେଇଥିଲେ।

### ୨ ଠକଙ୍କୁ ଧରି ପୋଲିସ ଜିମା
### ଦୁଇଗୁଣା ଟଙ୍କା ଦେବାକୁ ପ୍ରଲୋଭନ ଦେଖାଉଥିଲେ

ଭଦ୍ରକ ଅଫିସ, ୩୦।୧-ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ରାନ୍ଦିଆ ସିନେମା ହଲ୍ ଛକ ନିକଟରେ ରବିବାର ଦୁଇଜଣ ଠକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଛନ୍ତି। ସେମାନେ ଲୋକଙ୍କଠାରୁ ଟଙ୍କା ନେଇ ଦୁଇଗୁଣା କରି ଦେବେ ପ୍ରଲୋଭନ ଦେଖାଇ ଠକୁଥିଲେ ବୋଲି ଜଣାଯାଇଛି। ପୋଲିସ ସେମାନଙ୍କ ନିକଟରୁ ନକଲି ନୋଟ୍ ଜବତ କରିବା ସହ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁଯାୟୀ, ଗ୍ରାମାଞ୍ଚଳ ଥାନା ଅଧୀନ ଗଣିଜାଙ୍ଗ ଅଞ୍ଚଳର ଦୁଇ ବ୍ୟକ୍ତି ତିହିଡ଼ି ଥାନା ବୋଡ଼କ ଅଞ୍ଚଳର ଶିବାନନ୍ଦ ପତି ନାମକ ଯୁବକଙ୍କଠାରୁ ୫୦ହଜାର ଟଙ୍କା ନେଇ ଦୁଇଗୁଣା କରିଦେବେ କହି ଆଉ ଫେରାଇ ନ ଥିଲେ। ଅନ୍ୟ ଜଣେ ଯୁବକଙ୍କଠାରୁ ୬୦ ହଜାର ଟଙ୍କା ମାଗି ସମାନ କଥା କହି ଠକେଇ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ହାବୁଡ଼ରେ ପଡ଼ିଥିଲେ। ରାନ୍ଦିଆ ସିନେମା ହଲ୍ ନିକଟରେ ଦୁଇଜଣଙ୍କୁ ସ୍ଥାନୀୟ ଲୋକେ କାବୁ କରିଥିଲେ। ଏନେଇ ଶିବାନନ୍ଦ ଥାନାରେ ଅଭିଯୋଗ କରିଛନ୍ତି।

### ସେମିଫାଇନାଲରେ ସିଟି ସ୍ପୋର୍ଟିଂ

ଚାନ୍ଦବାଲି, ୩୦।୧(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ଖେଳପଡ଼ିଆରେ ସିଟି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୧୧ତମ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଶାନ୍ତନୁ କୁମାର ମହାନ୍ତି ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ପ୍ରଫୁଲ୍ଲ ଦାସ, କ୍ରୀଡ଼ା ସଙ୍ଗଠକ ଅମୂଲ୍ୟ ରାଉତ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରବିବାର ସିଟି ସ୍ପୋର୍ଟିଂ କ୍ଲବ ଚାନ୍ଦବାଲି ବନାମ ବିଏସିସି, ଡାଳିକାଏନ୍ଦା, ରାଜକନିକା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ସିଟି ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୧୪୪ ରନ୍ କରିଥିଲା। ବିଏସିସି ଟିମ୍ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ ରନ୍ ସଂଗ୍ରହ କରିଥିଲା। ସିଟି ସ୍ପୋର୍ଟିଂ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ଦଳର ଅମିତ୍ ସୂତାର ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦେବବ୍ରତ ଦାସ ଓ ବିଶ୍ୱନାଥ ନାୟକ ଅମ୍ପାୟାର ଥିବାବେଳେ କ୍ରୀଡ଼ା ସଙ୍ଗଠକ ବିକ୍ରମ ଦାଶ, ଧର୍ମେନ୍ଦ୍ର ସାହୁ, ସୁଧାଂଶୁ ଶେଖର ଦାସ, ଜୁମା ଖାଁ, ଜ୍ୟୋତି ପ୍ରକାଶ ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ପୌର ପରିଷଦ ଅଧ୍ୟକ୍ଷ ପଦ ସଂରକ୍ଷଣକୁ ବିରୋଧ

ଆନନ୍ଦପୁର,୩୦।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦ ଅଧ୍ୟକ୍ଷ ପଦବୀ ସଂରକ୍ଷଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ସଂରକ୍ଷଣକୁ ନେଇ ସବୁ ସ୍ତରରେ ଅସନ୍ତୋଷ ଲାଗି ରହିଥିବା ବେଳେ ଅଧ୍ୟକ୍ଷ ପଦକୁ ନେଇ ବିଭିନ୍ନ ଦଳର ବହୁ ଆଶାୟୀଙ୍କ ମନୋବଳ ହ୍ରାସ ପାଇଛି। ଚଳିତବର୍ଷ ପୌର ନିର୍ବାଚନରେ ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେଉଥିବା ବେଳେ ଆଶାୟୀଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଇଛି। ତେବେ ଅଧ୍ୟକ୍ଷ ପଦ ସଂରକ୍ଷଣ ନେଇ ପ୍ରତିବାଦ ସ୍ୱରୂପ ପୌର ପରିଷଦ ୫ ନଂ. ୱାର୍ଡର ରମାକାନ୍ତ ବେହେରା ଗୁରୁବାର ରାଜ୍ୟ ସହରାଞ୍ଚଳ ଉନ୍ନୟନ ପରିଷଦ ନିକଟରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଛନ୍ତି।

ରାଜ୍ୟ ସରକାରଙ୍କ ଚିଠି ସଂଖ୍ୟା ୯୩୩/୧୫।୦୧।୨୦୨୨ ଅନୁଯାୟୀ ସମସ୍ତ ପୌର ପରିଷଦର ଅଧ୍ୟକ୍ଷ ପଦର ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଥିଲା। କେନ୍ଦୁଝର ଜିଲା ଆନନ୍ଦପୁର ପୌର ପରିଷଦର ଅଧ୍ୟକ୍ଷ ପଦ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ୧୬ଟି ୱାର୍ଡକୁ ନେଇ ଗଠିତ ଏହି ପୌର ପରିଷଦରେ ୨୫ ହଜାରରୁ ଊର୍ଦ୍ଧ୍ୱ ଭୋଟର ଥିବା ବେଳେ ଅନୁସୂଚିତ ଜନଜାତି ବର୍ଗର ଲୋକସଂଖ୍ୟା ସାଧାରଣ ବର୍ଗ ଅନୁପାତରେ ୫ ପ୍ରତିଶତରୁ କମ୍। ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ହୋଇଥିବା ସଂରକ୍ଷଣ ତାଲିକାକୁ ଦେଖିଲେ ଜିଲାର ଆଦିବାସୀ ଅଞ୍ଚଳ ଭିତରେ ୩ ପୌର ପରିଷଦ ଯୋଡ଼ା, ବଡ଼ବିଲ ଓ କେନ୍ଦୁଝର ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ଆସୁଥିବା ସ୍ଥଳେ କେନ୍ଦୁଝର ପୌର ପରିଷଦକୁ ମହିଳା, ଯୋଡ଼ା, ବଡ଼ବିଲ ପୌରାଞ୍ଚଳ ଏବଂ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳକୁ ଅସଂରକ୍ଷିତ ତାଲିକାଭୁକ୍ତ କରାଯାଇଛି।

### ରାଜ୍ୟ ସହରାଞ୍ଚଳ ଉନ୍ନୟନ ପରିଷଦ ନିକଟରେ ଅଭିଯୋଗ

ଅପରପକ୍ଷେ ଆନନ୍ଦପୁର ପୌରାଞ୍ଚଳରେ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କ ସଂଖ୍ୟା ଗୌଣ ଥିବା ସତ୍ତ୍ୱେ କେଉଁ ଆଧାରରେ ସଂରକ୍ଷଣ ତାଲିକା ପ୍ରସ୍ତୁତ କରାଯାଇଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆନନ୍ଦପୁର ପୌରପରିଷଦ ସରକାରଙ୍କ ଆଇନ ଅନୁସାରେ ଅଧିସୂଚିତ ପରିସରଭୁକ୍ତ ଥିବା ସ୍ଥଳେ ସେଠାରେ ପଛୁଆବର୍ଗ ଲାଗୁ କରାଯାଉଥିଲା। ନ୍ୟାୟାଳୟ ଆଦେଶ ଅନୁସାରେ ପଛୁଆ ବର୍ଗଙ୍କୁ ବାଦ୍ ଦେବା ପରେ କିପରି ଭାବେ ପୌର ପରିଷଦର ଅଧ୍ୟକ୍ଷ ପଦକୁ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଗଲା ସେନେଇ ପ୍ରଶ୍ନ ଉଠିଛି। ସେହିପରି ଜିଲାପାଳ ପଞ୍ଚାୟତ ନିର୍ବାଚନରେ ଗୋଟିଏ ନିୟମ ଏବଂ ପୌର ନିର୍ବାଚନ ପାଇଁ ପ୍ରସ୍ତାବିକ ତାଲିକା ପ୍ରକାଶ ସମୟରେ ଅନ୍ୟ ଗୋଟିଏ ନିୟମ କରିଛନ୍ତି। ରାଜ୍ୟର ନଗର ଉନ୍ନୟନ ପରିଷଦ ନିର୍ଦ୍ଦେଶକ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହିଆସିଥିବା ବେଳେ କେନ୍ଦୁଝର ଜିଲାପାଳ ମଧ୍ୟ ୪ ବର୍ଷରୁ ଊର୍ଦ୍ଧ୍ୱ ହେଲା ଆଦିବାସୀ ବହୁଳ ଏହି ଜିଲା ଦାୟିତ୍ୱରେ ରହିଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ କ୍ରମନ୍ୱୟନକୁ ଲକ୍ଷ୍ୟ ନ କରି ସଂରକ୍ଷଣ ବଦଳାଇଥିବା ଅଭିଯୋଗ ହୋଇଛି। ପୌର ନିର୍ବାଚନ ବେଳକୁ ଜିଲାପାଳ କେଉଁ ଆଧାରକୁ ଭିତ୍ତିକରି କ୍ରମନ୍ୱୟନକୁ ଅନୁସରଣ କଲେ ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି। ପୌରାଞ୍ଚଳର ଲୋକସଂଖ୍ୟା ଏବଂ ସଂରକ୍ଷଣ ଜାତି ବର୍ଗ ଆଧାରକୁ ନେଇ ଅଧ୍ୟକ୍ଷ ପଦ ସଂରକ୍ଷଣରେ ପରିବର୍ତ୍ତନ କରିବାକୁ ଦାବି ହୋଇଛି।

# ହଟୁନି ସରକାରୀ ହୋର୍ଡିଂ

ସଜନାଗଡ଼,୩୦।୧(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସକାଶେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ସତ୍ତ୍ୱେ ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଞ୍ଚଳରେ ମାଳମାଳ ସରକାରୀ ହୋର୍ଡିଂ ଦେଖିବାକୁ ମିଳିଛି। ଏହି ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ସରକାରୀ କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବିଦ୍ୟାଳୟ ସମ୍ମୁଖରେ ଲାଗିଥିବା ହୋର୍ଡିଂକୁ ଅଦ୍ୟାବଧି ହଟାଯାଇ ନାହିଁ। ସଜନାଗଡ଼ ଓ ମାଟିଆଳି ପଞ୍ଚାୟତରେ ବଡ଼ ବଡ଼ ହୋର୍ଡିଂ ଲାଗିଛି। ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଏସବୁ ହୋର୍ଡିଂ ହଟା ନ ଯିବା ଶାସକ ଦଳ ପ୍ରତି ଅନୁକମ୍ପା ଥିବା ଅଭିଯୋଗ ହୋଇଛି। ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ନେଇ



ସଜନାଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଲାଗିଥିବା ହୋର୍ଡିଂ।

ନୀଳଗିରି ଉପ-ଜିଲାପାଳ ଦୀପ୍ତି ରଞ୍ଜନ ସେଠୀଙ୍କୁ ପଚାରିବାରୁ ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଛନ୍ତି।

# ବିଜେଡିରୁ ଏକାଧିକ ପ୍ରାର୍ଥୀ

### ଆଟପୁର ପଞ୍ଚାୟତ

ସୋର,୩୦।୧(ଡି.ଏନ.ଏ)

ବାଲେଶ୍ୱର ଜିଲା ସୋର ବ୍ଲକ ଆଟପୁର ପଞ୍ଚାୟତରେ ଶାସକ ବିଜେଡି ଦଳ ସମର୍ଥିତ ୩ ସରପଞ୍ଚ ଓ ୩ଜଣ ସମିତିସଭ୍ୟ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେହିପରି ଶାସକ ଦଳକୁ କ୍ଷମତାରୁ ହଟାଇବା ପାଇଁ ଭାଜପା-କଂଗ୍ରେସ ମଧ୍ୟରେ ଅଘୋଷିତ ମେଣ୍ଟ ହୋଇଛି। ଭାଜପା ପକ୍ଷରୁ ସରପଞ୍ଚ ଏବଂ କଂଗ୍ରେସ ସମିତିସଭ୍ୟ ପ୍ରାର୍ଥୀ ଛିଡ଼ା କରିଛି। ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ସୁଷମା ମହାନ୍ତି, ଅନୀତା ବେହେରା(କ) ଅନୀତା ବେହେରା(ଖ) ଲଢୁଥିବା ବେଳେ ଏହି ତିନିଜଣଯାକ ଆଟପୁର ଗ୍ରାମର ଅଧିବାସୀ। ସେହିପରି ବେଲଦା ଗ୍ରାମର ମଞ୍ଜୁଲତା ମହାନ୍ତି, ରବୀନ୍ଦ୍ର ବେହେରା ଏବଂ ପରେଶ କୁମାର ସମିତିସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ସମସ୍ତେ ବିଜେଡି ଦଳ ସମର୍ଥିତ ବୋଲି କହିଛନ୍ତି। ସେହିପରି ବୁଝାମଣା ଭିତ୍ତିରେ ବିଜେପି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଭାବେ ବେଲଦାର ଶାନ୍ତିଲତା ପରିଡ଼ା ଏବଂ କଂଗ୍ରେସ ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ଆଟପୁରର ରମେଶ ନାୟକ ନିର୍ବାଚନ ଲଢୁଛନ୍ତି। ବିଜେଡିର ଏହି ଗୋଳିଆ ପାଣିରୁ ଉଭୟ ଫାଇଦା ନେବାକୁ ନେବାକୁ ଆଶା ବାନ୍ଧିଛନ୍ତି।

# ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଅବସରରେ ଭାଜପା କର୍ମକର୍ତ୍ତା ଓ ଅନ୍ୟମାନେ।

ଝୁମ୍ପୁରା, ୩୦।୧ (ଡି.ଏନ.ଏ.)

କେନ୍ଦୁଝର ଜିଲା, ଝୁମ୍ପୁରା ବ୍ଲକର ୧୭ନଂ ଜିଲାପରିଷଦ ପ୍ରାର୍ଥୀଙ୍କ ପାଇଁ ଭାଜପା ପକ୍ଷରୁ ଝୁମ୍ପୁରା ବସଷ୍ଟାଣ୍ଡରେ ରବିବାର ଭାଜପାର ନିର୍ବାଚନୀ ପ୍ରଚାର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ, ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଭାଜପାର ଜିଲା ଓ ଝୁମ୍ପୁରା ମଣ୍ଡଳର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ୧୭ନଂ ଜିଲା ପରିଷଦ ଆସନ ଆଦିବାସୀ ମହିଳା ସଂରକ୍ଷିତ ହେବା ପରେ ଭାଜପା ପକ୍ଷରୁ ଖୁଣ୍ଟାପଡା ପଂଚାୟତର ସରପଞ୍ଚ ଅନିତା ମାର୍ଡିଙ୍କୁ ପ୍ରାର୍ଥୀ କରାଯାଇଛି। ଏଥିପାଇଁ ଭାଜପା ପକ୍ଷରୁ ଜୋରଦାର ପ୍ରଚାର ଅଭିଯାନ ଆରମ୍ଭ ହୋଇଛି।

# ଆଦର୍ଶ ଆଚରଣବିଧି ସମ୍ପର୍କିତ ବୈଠକ

ଯୋଡ଼ା,୩୦।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ସଭା ଗୃହରେ ରବିବାର ପଞ୍ଚାୟତ ନିର୍ବାଚନ ସମୟରେ ରାଜନୈତିକ ଦଳ ଓ ପ୍ରାର୍ଥୀଙ୍କ ଆଚରଣ ବିଧି ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିର୍ବାଚନ ଖର୍ଚ୍ଚ ସମ୍ବନ୍ଧୀୟ ହିସାବ, ଆଦର୍ଶ ଆଚରଣ ବିଧି ପାଳନ, ନିର୍ବାଚନ ଓ କୋଭିଡ -୧୯ ନିର୍ଦ୍ଦେଶନାମା, ସଭାସମିତି, ଯାନବାହାନ ଓ ଡାକବାଜି ଯନ୍ତ୍ର ଅନୁମତି ସହିତ ଅନ୍ୟାନ୍ୟ ନିର୍ବାଚନୀ ସଂକ୍ରାନ୍ତୀୟ ସୂଚନା ଉପରେ ଆଶାୟୀ ପ୍ରତିଦ୍ୱନ୍ଦ୍ୱୀ ତଥା ସମର୍ଥକଙ୍କ ସହ ମିଳିତ ଭାବେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସମର୍ଥକ ମାନେ ଉପସ୍ଥିତ ଥିଲେ।

# ନିର୍ବାଚନ ରଣାଙ୍ଗନରେ ୭୭ ବର୍ଷୀୟ ସୁବାସ


ସମର୍ଥକଙ୍କ ସହ ସୁବାସ ଭୋଟରଙ୍କୁ ଭେଟୁଛନ୍ତି।

ଆରଡ଼ି, ୩୦।୧ (ଡି.ଏନ.ଏ.)

ଅର୍ଥ ନୁହେଁ ପ୍ରାର୍ଥୀଙ୍କୁ ଦେଖନ୍ତୁ, ବକ୍ତବ୍ୟ ନୁହେଁ ବ୍ୟକ୍ତିଙ୍କୁ ଦେଖନ୍ତୁ, ଚିତ୍ର ନୁହେଁ ଚରିତ୍ର ଦେଖନ୍ତୁ। ଏଭଳି ଲେଖାଥିବା ପୁସିଂ କାର୍ଡ ଧରି ଘରକୁ ଘର ବୁଲୁଛନ୍ତି ସରପଞ୍ଚ ପ୍ରାର୍ଥୀ ୭୭ ବର୍ଷୀୟ ସୁବାସ ଚନ୍ଦ୍ର ନାୟକ। କେବଳ ସେତିକି ନୁହେଁ ପୋଷ୍ଟରରେ ନିଜ ଫଟୋ ସହ ତାଙ୍କ ଗଡ୍‌ଫାଦର ବିଜୁ ପଟ୍ଟନାୟକଙ୍କ ଫଟୋ ମଧ୍ୟ ରଖିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତରେ ସେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସେବା କରିବାର ଅଭିପ୍ସା ରଖି ସେ ଭୋଟରଙ୍କୁ ଭେଟୁଛନ୍ତି।

ଏକଦା ଜନତା ଦଳରେ ସେ ଜଣେ ଟାଣୁଆ ନେତା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ବିଜୁ ପଟ୍ଟନାୟକ ତାଙ୍କ ପ୍ରତିଭାକୁ ଚିହ୍ନିଥିବା ସେ କହନ୍ତି। ବିଜୁବାବୁ ଗଲା ପରେ ନିଜେ କଣ୍ୟାଁଗୋଲାଠାରେ ବୈତରଣୀ ନଦୀପଠାରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏପରିକି ନିଜ ସାନପୁଅଙ୍କ ନାଁ ବିଜୁ ପଟ୍ଟ ରଖିଛନ୍ତି। ଏବେ ତାଙ୍କୁ ଦଳ ପକ୍ଷରୁ ଅଣଦେଖା କରାଯାଇଥିବା ସେ କହିଛନ୍ତି। ଏବେ ବିଜେଡିର ଯେଉଁମାନେ ଉକ୍ତ ପଞ୍ଚାୟତରେ ନେତୃତ୍ୱ ନେଉଛନ୍ତି, ସେମାନେ ଦୁର୍ନୀତିରେ ବୁଡ଼ି ରହିଛନ୍ତି। ଯାହାଙ୍କର ୩ ମହଲା କୋଠା ଅଛି ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉଛି। ଯେଉଁମାନଙ୍କର ଚଳିବାର ସାମର୍ଥ୍ୟ ରହିଛି, ସେମାନଙ୍କୁ ରାଶନ କାର୍ଡ ଦିଆଯାଉଥିବା ସେ ଅଭିଯୋଗ କରିଛନ୍ତି। ନିର୍ବାଚନରେ ଜିତିଲେ ସାଧାରଣ ଲୋକଙ୍କ ସେବା କରିବାର ସଂକଳ୍ପ ନେଇଥିବା ସୁବାସ କହିଛନ୍ତି।

# ବିଜେଡି, ଭାଜପାରେ ବିଦ୍ରୋହୀ କଣ୍ଟା

ଖଇରା,୩୦।୧(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ବାଲେଶ୍ୱର ଜିଲା ଖଇରା ବ୍ଲକର ୪ଟି ଜୋନରେ ଉଷ୍ମତା ସେତେ ବଢ଼ିବା ସହ ସମୀକରଣ ମଧ୍ୟ ବଦଳିବାରେ ଲାଗିଛି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ୩ନଂ. ଜୋନରେ ୪ଜଣ, ୪ନଂ ଜୋନରେ ୫ଜଣ, ୫ନଂ. ଜୋନରେ ୪ଜଣ, ୬ନଂ ଜୋନରେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସମସ୍ତ ୪ଟି ଯାକ ଜୋନରେ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଦେଇଥିବା ବେଳେ ୪ନଂ. ଜୋନରେ ସିପିଏମ୍, ୩ ଓ ୪ନଂ ଜୋନରେ ବିଏସ୍‌ପି, ୫ନଂ. ଜୋନରେ ଆପ ଦଳ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ମୋଟ ୧୮ଜଣ ସମିତି ସଭ୍ୟା/ସଭ୍ୟ ଓ ୨୯ଜଣ ସରପଞ୍ଚ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିବା ପରେ ୯୪ଜଣ ସମିତିସଭ୍ୟା/ସଭ୍ୟ ଓ ୯୭ଜଣ ସରପଞ୍ଚ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। କିଛି ପଞ୍ଚାୟତରେ ବିଦ୍ରୋହୀ କଣ୍ଟା ସାଜି ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ସମର୍ଥୀତ ପ୍ରାର୍ଥୀମାନଙ୍କ ବିଜୟରେ ବାଟ ଓଗାଳିଛନ୍ତି। ବିଜେଡି ନେତୃବୃନ୍ଦ ଡାଲଙ୍ଗ-୨, ସୁଣ୍ଡିରାଗଣ୍ଡିବେଡ ଭଳି କିଛି ପଞ୍ଚାୟତରେ ଅସନ୍ତୁଷ୍ଟଙ୍କୁ ମନାଇବାରେ ସଫଳ ହୋଇଥିଲେ ହେଁ ଡୁଙ୍ଗୁରା, ଗଡ଼ପୋଖରୀ, ମହତୀପୁର, ନୟାଖଣ୍ଡି ଭଳି ଆଉକିଛି ପଞ୍ଚାୟତରେ ବିଦ୍ରୋହୀଙ୍କ ଜିଦଖୋର ଆଚରଣ ବିଜେଡି ସମର୍ଥୀତ ପ୍ରାର୍ଥୀମାନଙ୍କୁ ଅଡୁଆରେ ପକାଇପାରେ। ପଳସା ପଞ୍ଚାୟତରେ ଅସନ୍ତୁଷ୍ଟ ବିଜେଡି କୁହାଯାଉଥିବା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ପୁନର୍ବାର ସମିତି ସଭ୍ୟା ଭାବେ ଲଢୁଥିବା ବେଳେ ବିଜେଡି ମଧ୍ୟ ଜଣେ ଟାଣୁଆ ପ୍ରାର୍ଥୀଙ୍କୁ ଛିଡ଼ା କରାଇଥିବାରୁ ଫଳାଫଳ ପାଇଁ ସମଗ୍ର ଖଇରା ବ୍ଲକବାସୀ ଉତ୍ସୁକତାର ସହ ଚାହିଁ ବସିଛନ୍ତି। ସେହିଭଳି ମୁଖ୍ୟ ବିରୋଧି ଭାଜପାରେ ମଧ୍ୟ ବିଦ୍ରୋହ ଦେଖିବାକୁ ମିଳିଛି। ୪ନଂ. ଜୋନରେ ଆଶାୟୀଥିବା ଜଣେ ବରିଷ୍ଠ ଭାଜପା ନେତାଙ୍କୁ ଟିକେଟ ନ ମିଳିବାରୁ ସେ ତାଙ୍କ ସ୍ତ୍ରୀଙ୍କୁ ଗୋବିନ୍ଦପୁର ପଞ୍ଚାୟତରେ ସମିତିସଭ୍ୟା ଭାବେ ଛିଡ଼ା କରାଇଛନ୍ତି। ପ୍ରାର୍ଥିତ୍ୱ ଚୟନରେ ଅସନ୍ତୋଷ ପ୍ରକାଶ କରି ଏହି ଜୋନର ସମସ୍ତ ପୁରୁଖା ନେତା ନିରବ ରହିଛନ୍ତି ଏବଂ ସମସ୍ତ ବୈଠକକୁ ବର୍ଜନ କରୁଥିବା ଦେଖିବାକୁ ମିଳିଛି। ଯଦି ସେମାନଙ୍କୁ ମନାଇବାରେ ଭାଜପା ନେତୃବୃନ୍ଦ ବିଫଳ ହୁଅନ୍ତି ତେବେ ଏହା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହେବ ବୋଲି କୁହାଯାଉଛି। କିଛି ପଞ୍ଚାୟତରେ ଅସନ୍ତୁଷ୍ଟ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଅଘୋଷିତ ମେଣ୍ଟ କରି ନିର୍ବାଚନ ଲଢୁଥିବା ଦେଖିବାକୁ ମିଳିଛି। ଦଳୀୟ ନେତା ଏବେ ବିଦ୍ରୋହୀଙ୍କ ମାନଭଞ୍ଜନ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବାରୁ ଏଥିରେ ସଫଳ କି ବିଫଳ ହେବେ ଆଗାମୀ ଦିନରେ ଜଣାପଡ଼ିବ ।

# ବିଜେଡିର ମିଶ୍ରଣ ପର୍ବ

ଭଣ୍ଡାରିପୋଖରୀ, ୩୦।୧ (ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ରାମଚନ୍ଦ୍ରପୁର ପଞ୍ଚାୟତ ଖଡ଼ିସିଙ୍ଗାଠାରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଅନ୍ୟ ଦଳ ଛାଡ଼ି ୬ ପରିବାରର ୩୦ଜଣ ସଦସ୍ୟ ବିଜେଡିରେ ସାମିଲ ହୋଇଛନ୍ତି। ଜିଲା ଉପସଭାପତି ପ୍ରଣୀତକାନ୍ତି ସାମଲ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀମାନଙ୍କୁ ଭୋଟ୍ ଦେଇ ବିଜୟୀ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଦଳୀୟ ନେତା ମଦନ ରାଉତ, ଜୟନ୍ତ କୁମାର ସାହୁ, ମହେଶ୍ୱର ସାହୁ, ଭୂପତି ମଲ୍ଲିକ, ଦେବେନ୍ଦ୍ର ଦାସ, ଲକ୍ଷ୍ମୀଧର ସାହୁ, ବିଶ୍ୱଜିତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପାଟୁଳି ପଞ୍ଚାୟତରେ ବିଜେଡି ନେତା ନୀଳାମ୍ବର ରାଉତଙ୍କ ନେତୃତ୍ୱରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଅନ୍ୟ ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିବା କର୍ମୀମାନଙ୍କୁ ପ୍ରଣୀତକାନ୍ତି ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରୁ ହଟାଯାଉନି ହୋର୍ଡିଂ

ଭଣ୍ଡାରିପୋଖରୀ,୩୦।୧(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗ୍ରାମାଞ୍ଚଳରେ ତିନି ପ୍ରମୁଖ ଦଳ ପକ୍ଷରୁ ଲୋକଙ୍କୁ ଭେଟି ଭୋଟ୍ ଭିକ୍ଷା ଆରମ୍ଭ କରାଯାଇଛି। ଗ୍ରାମାଞ୍ଚଳରେ ସରକାରଙ୍କ ଯୋଜନା ସମ୍ପର୍କରେ ସୂଚନା ଦେଉଥିବା ଫଳକ ଓ ଦଳର ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ହୋର୍ଡିଂ ହଟାଇବା ଲାଗି ନିର୍ବାଚନ କମିଶନ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଅନେକ ସରକାରୀ ସ୍ଥାନରେ ଏବେ ମଧ୍ୟ ହୋର୍ଡ଼ିଂ ଲାଗି ରହିଛି। ମୁଖ୍ୟତଃ ପଞ୍ଚାୟତ ପାଇଁ ଭୋଟ୍ ଗ୍ରହଣ ହେବାକୁ ଥିବା କେନ୍ଦ୍ର ନିକଟରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ହୋର୍ଡିଂ ରହିଥିବା ଦେଖିବାକୁ ମିଳିଛି।

ରହଣିଆ ହାଇସ୍କୁଲ ମତଦାନ କେନ୍ଦ୍ର ହୋଇଥାଏ। ଉକ୍ତ ସ୍କୁଲ ପାଚେରିକୁ ଲାଗି ରହିଛି ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ। ପଞ୍ଚାୟତ ଅଫିସ୍ ପାଚେରୀକୁ ଲାଗି ମୁଖ୍ୟମନ୍ତ୍ରୀଙ୍କ ଫଟୋ ସମ୍ବଳିତ ଏକ ହୋର୍ଡିଂ ରହିଛି। ସେହିପରି ନାଆଁମୀ ପଞ୍ଚାୟତ କାର୍ଯ୍ୟାଳୟ, ସାତଶୋଳା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ମତଦାନ କେନ୍ଦ୍ର ହୋଇଥାଏ। ମାତ୍ର ଏପର୍ଯ୍ୟନ୍ତ ଏହିସବୁ ମତଦାନ କେନ୍ଦ୍ର ସମ୍ମୁଖରୁ ହୋର୍ଡିଂ ହଟାଯାଉ ନାହିଁ। ଅନୁରୂପ ଭାବେ ନାଆଁମୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥାଇ ମିଶନ ଶକ୍ତିର ହୋର୍ଡିଂ ରହିଛି। ଏପରିକି ବ୍ଲକର ବିଭିନ୍ନ ସରକାରୀ ସ୍ଥାନରେ ମଧ୍ୟ ଦଳୀୟ ମୁଖ୍ୟମାନଙ୍କ ଫଟୋ ଥିବା ଅଭିନନ୍ଦନ ଓ ଅନ୍ୟାନ୍ୟ ଦଳୀୟ ପ୍ରଚାର ତଥ୍ୟ ଥିବା ତୋରଣ, ବ୍ୟାନର ରହିଛି। ଏ ସମ୍ପର୍କରେ ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ କହିଛନ୍ତି, ସମସ୍ତ ହୋର୍ଡିଂ ଚିରି ଦିଆଯାଇଛି। କେଉଁଠି ହୋର୍ଡିଂ ରହିଥିବା ତାଙ୍କ ନଜରକୁ ଆସିନାହିଁ। ତେବେ କେଉଁଠି ଥିଲେ ତାହାକୁ ହଟାଇବା ବ୍ୟବସ୍ଥା କରାଯିବ।



ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ ପାଚେରିକୁ ଲାଗି ରହିଥିବା ହୋର୍ଡିଂ।

# ବିଧାନସଭା ଆଗରେ ଗଣଧାରଣା ଦେବ କ୍ରିୟାନୁଷ୍ଠାନ କମିଟି

### ଜିଲାବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଦାବି

ବାଲେଶ୍ୱର ଅଫିସ,୩୦।୧

ବାଲେଶ୍ୱର ଜିଲାରେ ସାମଗ୍ରିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦାବିରେ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ଦେବା ପାଇଁ ସରକାରୀ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମମତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମେଡିକାଲ୍ କଲେଜ୍ ହସ୍ପିଟାଲ୍ ସମେତ ଜିଲାର ସମସ୍ତ ସରକାରୀ ହସ୍ପିଟାଲ୍ ସମସ୍ୟା ସମ୍ପର୍କରେ ଉପସ୍ଥିତ ସଦସ୍ୟମାନେ ଆଲୋଚନା କରିଥିଲେ। ମେଡିକାଲ୍ କଲେଜ୍‌ରେ ସମସ୍ତ ବିଭାଗର ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ, ଲଗାତର ଅନୁପସ୍ଥିତ ରହୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ହୃଦରୋଗ ଓ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲିଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ପାଇଁ ଦାବି କରାଯାଇଛି।



ବୈଠକରେ ଉପସ୍ଥିତ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

ଆସନ୍ତା ଫେବୃୟାରୀ ମାସ ବ୍ୟାପୀ ଜିଲା କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ସମସ୍ତ ବ୍ଲକ୍ ଓ ଶାଖା କମିଟିମାନଙ୍କର ବୈଠକ ଓ ସ୍ୱାସ୍ଥ୍ୟସେବା ପ୍ରତି ସରକାରୀ ଉଦାସୀନତା ବିରୁଦ୍ଧରେ ଜନଜାଗରଣ ସଭା, ଆଲୋଚନା ଚକ୍ର, ପଦଯାତ୍ରା ପ୍ରଭୃତି କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ସ୍ଥାନୀୟ ଅଞ୍ଚଳର ସ୍ୱାସ୍ଥ୍ୟ ସେବା ସମସ୍ୟା ସମାଧାନ ଦିଗରେ ସେମାନଙ୍କ ପ୍ରତିବଦ୍ଧତା ଘୋଷଣା ପାଇଁ କ୍ରିୟାନୁଷ୍ଠାନ କମିଟି ନିବେଦନ କରିଛି।

ବିଧାନସଭା ସମ୍ମୁଖରେ ଗଣଧାରଣା ପାଇଁ ଚନ୍ଦନେଶ୍ୱରରୁ ଏକ ପଦଯାତ୍ରା ବାହାରି ଭୁବନେଶ୍ୱରରେ ପହଞ୍ଚିବ। ଏହି ଯାତ୍ରାରେ ଜିଲାର ବିଭିନ୍ନ ଅଞ୍ଚଳର ଜନସାଧାରଣ ଯୋଗ ଦେବେ। ଉନ୍ନତ ସ୍ୱାସ୍ଥ୍ୟସେବା ଦାବିରେ ଏହି ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଧାରାରେ ପ୍ରତିବାଦ ଆନ୍ଦୋଳନକୁ ଦଳମତ ନିର୍ବିଶେଷରେ ସମସ୍ତ ବର୍ଗର ଜନସାଧାରଣ ସହଯୋଗ ଓ ଅଂଶଗ୍ରହଣ କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିବେଦନ କରାଯାଇଛି। ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ନିରଞ୍ଜନ ପରିଡ଼ା, ପ୍ରଭାକର ସାହୁ, ନିରଞ୍ଜନ ରାଉତ, ଡା. ତାରାକାନ୍ତ ନନ୍ଦ, ଗୌରାଙ୍ଗ ପାଣିଗ୍ରାହୀ, ରବି ନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ପ୍ରଶାନ୍ତୀ ସାହୁ, ସୀତାରାମ ପ୍ରଧାନ, ପୁରୁଷୋତ୍ତମ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

